**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୩୨ ● ପାଉଣ୍ଡ ୧୨୦.୧୫
- ୟୁରୋ ୧୦୫.୨୫ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୨୩,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୨୩,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୯୨୯.୦୦
- ନିଫ୍ଟି ୨୫,୯୬୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାରତ ଓ ଇୟୁ ଉପରେ ଆମେରିକା ଖପ୍ପା !

## ୨୦୨୬ ପର୍ଯ୍ୟନ୍ତ ଝୁଲିପାରେ ବାଣିଜ୍ୟ ଚୁକ୍ତି

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ବିଳମ୍ବିତ ହେବେ ଭାରତ-ଆମେରିକା ବାଣିଜ୍ୟ ଆଲୋଚନା। ବର୍ଷ ଆରମ୍ଭରେ ଆରମ୍ଭ ହୋଇଥିବା ଭାରତ ସହିତ ଆଲୋଚନା ଏ ପର୍ଯ୍ୟନ୍ତ ଏକ ଚୂଡାନ୍ତ ଚୁକ୍ତିରେ ପହଞ୍ଚିପାରିନାହିଁ। ତେଣୁ ୨୦୨୫ରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ଅସମ୍ଭବ ବୋଲି ଏବେ ଆଶଙ୍କା ଦେଖାଦେଲାଣି। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୀର୍ଷ ବାଣିଜ୍ୟ ଅଧିକାରୀ ଦୁଇ ପ୍ରମୁଖ ଆମେରିକୀୟ ଅଂଶୀଦାର ୟୁରୋପୀୟ ସଂଘ(ଇୟୁ) ଏବଂ ଭାରତକୁ ସମାଲୋଚନା କରିଛନ୍ତି। ଆମେରିକୀୟ ଟେକ୍ କମ୍ପାନିଙ୍କ ପାଇଁ ନିୟମାବଳୀ ଲାଗୁ କରିଥିବାରୁ ଇୟୁ ଉପରେ ଏବଂ ଟ୍ରେଡ୍ ଡିଲକୁ ନେଇ ଭାରତ ଉପରେ କଡ଼ା ଟିପ୍ପଣୀ ରଖିଛନ୍ତି ଆମେରିକୀୟ ବାଣିଜ୍ୟ ପ୍ରତିନିଧି ଜେମିସନ ଗ୍ରୀୟର। ଏମିତିରେ ତାଙ୍କର ଏହି ପ୍ରତିକ୍ରିୟାରୁ ଜଣାପଡୁଛି ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ପାଇଁ ଚାଲିଥିବା ଆଲୋଚନା ୨୦୨୬ ସୁଦ୍ଧା ବି ହୋଇପାରିବନାହିଁ।

ବ୍ଲୁମବର୍ଗରେ ଏକ ସାକ୍ଷାତକାରରେ ଶ୍ରୀ ଗ୍ରୀର କହିଛନ୍ତି ଯେ ଭାରତ ସହିତ



ଆଲୋଚନା ୨୦୨୫ ଆରମ୍ଭରେ କରାଥିଲା, କିନ୍ତୁ ଏପର୍ଯ୍ୟନ୍ତ କୌଣସି ଠୋସ୍ ଚୁକ୍ତି ହୋଇନାହିଁ। ନିକଟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ପ୍ରତି ଏକ ଫୋନ୍ ବାର୍ତ୍ତାଳାପ କରିବା ପରେ ତାଙ୍କର ମନ୍ତବ୍ୟ ଆସିଛି, ଯାହା ଅଗଷ୍ଟରେ ଟ୍ରମ୍ପ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରିବା ପରଠାରୁ ଦୁଇ ନେତାଙ୍କ ମଧ୍ୟରେ ଚତୁର୍ଥ ଆଲୋଚନା ଥିଲା। ଏହାକୁ ସମ୍ପର୍କ ପୁନର୍ଜୀବିତ କରିବାର ଏକ ପ୍ରୟାସ ଭାବରେ ଦେଖାଯାଇଥିଲା। ଶ୍ରୀ ଗ୍ରୀୟର ଅଭିଯୋଗ କରିଛନ୍ତି ଯେ, ଇୟୁ ଆମେରିକୀୟ କମ୍ପାନୀଗୁଡ଼ିକ, ବିଶେଷକରି ଟେକ୍ କମ୍ପାନୀଗୁଡ଼ିକ ବିରୁଦ୍ଧରେ ପକ୍ଷପାତପୂର୍ଣ୍ଣ ନୀତି ଗ୍ରହଣ କରୁଛି। ୟୁରୋପ ଦ୍ୱାରା ପ୍ରଣୀତ ଡିଜିଟାଲ୍ ନିୟମଗୁଡ଼ିକ ଆମେରିକୀୟ କମ୍ପାନୀଗୁଡ଼ିକୁ ଟାର୍ଗେଟ କରୁଛି। ସେଦାବି କରିଛନ୍ତି ଯେ ଇୟୁର ନୂତନ ଡିଜିଟାଲ୍ ଟିକସ ଏବଂ ନିୟାମକ ଢାଞ୍ଚାରେ ଏପରି ନିୟମ ଅନ୍ତର୍ଭୁକ୍ତ ଅଛି, ଯାହା କେବଳ ଆମେରିକୀୟ କମ୍ପାନୀଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେଉଥିବା ପରି ମନେହୁଏ। ସେଥିରେ ଗୁଗୁଲ୍, ମେଟା ଏବଂ ଆମାଜନ୍ ଭଳି ଟେକ୍ ଜାଏଣ୍ଟ ଅନ୍ତର୍ଭୁକ୍ତ। ଆମେରିକା ଯୁକ୍ତି ରଖିଛି ଯେ ଏହି ନିୟମଗୁଡ଼ିକ ନବସୃଜନକୁ ବାଧା ଦିଏ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକ ଉପରେ ଅତିରିକ୍ତ ଶୁଳ୍କ ଲଗାଇବାର ଏକ ମାଧ୍ୟମ। ଆମେରିକା ଚେତାବନୀ ଦେଇଛି ଯେ ଯଦି ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ପ୍ରୟାସ ଜାରି ରହେ, ତେବେ ପରିସ୍ଥିତି ପ୍ରତିଶୋଧମୂଳକ ହୋଇପାରେ।

ତାଙ୍କର କହିବାନୁଯାୟୀ, ୟୁରୋପୀୟ ସଂଘ ବାଣିଜ୍ୟ କମିଶନର ମାରୋସ ସେଫକୋଭିକଙ୍କ ସହିତ ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଉପରେ ଇୟୁ ନିୟମାବଳୀ ବିଷୟରେ ଆଲୋଚନା କରିଛନ୍ତି। ତା'ପରେ ସେ "ଗମ୍ଭୀର ଚିନ୍ତା" ପ୍ରକାଶ କରିଛନ୍ତି ଯେ ଏହି ପଦକ୍ଷେପଗୁଡ଼ିକ ଆମେରିକୀୟ କମ୍ପାନୀଗୁଡ଼ିକ ପ୍ରତି ପକ୍ଷପାତିତା କରେ। ସେ କହିଛନ୍ତି ଯେ ଏହି ସମୟ ମଧ୍ୟରେ, ଆମେରିକା ମାଲେସିଆରୁ ସ୍ୱିଜରଲ୍ୟାଣ୍ଡ ପର୍ଯ୍ୟନ୍ତ ଅନେକ ଅନ୍ୟ ଅଂଶୀଦାରଙ୍କ ସହିତ ଚୁକ୍ତି ସମାପ୍ତ କରିଛୁ। ଆମେ ଆଶ୍ଚର୍ଯ୍ୟ ନାହୁଁ ଯେ, ଏହା କେଉଁଠାରେ ଅଧିକ କଷ୍ଟକର ହୋଇଛି। ଇୟୁ କ୍ଷେତ୍ରରେ, ସେ ଅଣ-ଶୁଳ୍କ ବାଧା ଉପରେ ଗୁରୁତ୍ୱାରୋପ କରିଥିଲେ, ଯେଉଁଥିରେ ଆମେରିକୀୟ କୃଷି ଅନ୍ତର୍ଭୁକ୍ତ ନୁହେଁ। ଇୟୁରୋପୀୟ ସଂଘ ନିୟମାବଳୀ ଆମେରିକୀୟ ଶିଳ୍ପ ରପ୍ତାନିକୁ ସୀମିତ କରେ।

**କ୍ରେଡାଇ ରିପୋର୍ଟ**

# ୨୦୨୬ରେ ବାସଗୃହ ମୂଲ୍ୟ ୫% ବଢ଼ିପାରେ

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ୨୦୨୬ରେ ଦେଶରେ ବାସଗୃହ ମୂଲ୍ୟ ୫%ରୁ ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପ୍ରାୟ ୬୮ ପ୍ରତିଶତ ଡେଭଲପରଙ୍କ କହିବାନୁଯାୟୀ, ବର୍ତ୍ତମାନ ପ୍ରକୃତ କ୍ରେତାଙ୍କଠାରୁ ପ୍ରପର୍ଟିର ପ୍ରବଳ ଚାହିଦା ରହିଛି। ୨୦୨୬ରେ ବାସଗୃହ ମୂଲ୍ୟ ବୃଦ୍ଧି ବନ୍ଦ ହେବ ନାହିଁ, ଯାହା କେବଳ ବଢ଼ିବ। କ୍ରେଡାଇ ଏବଂ କ୍ରେ ମ୍ୟାଟ୍ରିକ୍ସର ଏହି ସାମ୍ପ୍ରତିକ ରିପୋର୍ଟ ଗୃହକ୍ରେତାଙ୍କ ଚିନ୍ତା ବଢ଼ାଇ ଦେଇଛି।




ରିପୋର୍ଟ ଅନୁଯାୟୀ, ବଜାରରେ ମାନ୍ଦାବସ୍ଥା ଆଶା କରିବା ବର୍ତ୍ତମାନ ବ୍ୟର୍ଥ। କାରଣ ଅଧିକାଂଶ ଡେଭଲପରମାନେ ମୂଲ୍ୟ ବୃଦ୍ଧି ଉପରେ ବିଶ୍ୱାସ ରଖିଛନ୍ତି।ଏହି ସର୍ଭେର ତଥ୍ୟ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରର ମନୋଭାବକୁ ପ୍ରକାଶ କରୁଛି। ନଭେମ୍ବର ଏବଂ ଡିସେମ୍ବରରେ ପ୍ରାୟ ୬୪୭ ଜଣ ଅଂଶଗ୍ରହଣକାରୀଙ୍କ ମଧ୍ୟରେ କରାଯାଇଥିବା ଏହି ସର୍ଭେ ଅନୁଯାୟୀ, ୨୦୨୬ରେ ବାସଗୃହ ମୂଲ୍ୟ ୫ ପ୍ରତିଶତରୁ ଅଧିକ ବୃଦ୍ଧି ପାଇବ। କିନ୍ତୁ ଏହା ଚିନ୍ତାର ଏକମାତ୍ର କାରଣ ନୁହେଁ। ତଥ୍ୟକୁ ଗଭୀର ଭାବରେ ଅନୁଧ୍ୟାନ କଲେ ଜଣାପଡ଼େ ଯେ ୧% ଡେଭଲପର ବିଶ୍ୱାସ କରନ୍ତି ଯେ ଏହି ବୃଦ୍ଧି ୨୫%ରୁ ଅଧିକ ହୋଇପାରେ। ଏହି ସମୟରେ, ୧୮% ଉତ୍ତରଦାତା ବିଶ୍ୱାସ କରନ୍ତି ଯେ ମୂଲ୍ୟ ୧୦ ରୁ ୧୫% ବୃଦ୍ଧି ପାଇବ। ହେଲେ କେବଳ ୮% ଡେଭଲପର ବିଶ୍ୱାସ କରନ୍ତି ଯେ ମୂଲ୍ୟ ହ୍ରାସ ପାଇବ। ରିପୋର୍ଟ ସୂଚାଇଛି ଯେ ପ୍ରାୟ ଦୁଇ-ତୃତୀୟାଂଶ ଡେଭଲପରମାନେ ଆଶା କରୁଛନ୍ତି ଯେ ଆଗାମୀ ବର୍ଷରେ ଗୃବାସହ ଚାହିଦା ୫%ରୁ ଅଧିକ ବୃଦ୍ଧି ପାଇବ। ଯେତେବେଳେ ପ୍ରକୃତ କ୍ରେତାଙ୍କଠାରୁ ଚାହିଦା ଆସେ,ସେତେବେଳେ ମୂଲ୍ୟ ହ୍ରାସ ପାଇବାର ସମ୍ଭାବନା ହ୍ରାସ ପାଏ। କାରଣ ଏହା ଏକ କୃତ୍ରିମ ବୃଦ୍ଧି ନୁହେଁ। କ୍ରେତାଙ୍କ ଏହି ନିରନ୍ତର ଆଗ୍ରହ ଡେଭଲପରମାନଙ୍କ ଆତ୍ମବିଶ୍ୱାସର ଏକ ପ୍ରମୁଖ କାରଣ।

# ବିଳମ୍ବ ହେବ ନିରବ ମୋଦିଙ୍କ ଭାରତ ପ୍ରତ୍ୟାବର୍ତ୍ତନ !

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ( ପିଏନ୍‌ବି) ମହାଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନିରବ ମୋଦିଙ୍କ ମାମଲାରେ ଏକ ନୂତନ ମୋଡ଼ ଆସିଛି। ଲଣ୍ଡନର ଏକ କୋର୍ଟ ନିରବ ମୋଦିଙ୍କୁ ନେଇ ବ୍ୟାଙ୍କ ଅଫ୍ ଇଣ୍ଡିଆ ମାମଲାର ଶୁଣାଣିକୁ ସ୍ଥଗିତ ରଖିଛନ୍ତି। ଏହା ପରେ ଏବେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ନିରବ ମୋଦି କେବେ ଭାରତ ଫେରିବେ। କାରଣ ୟୁକେ କୋର୍ଟରେ ଶୁଣାଣି ସ୍ଥଗିତ ରହିବା ଏବଂ ନିରବ ମୋଦିଙ୍କ ଜେଲ୍ କାଗଜପତ୍ର ହସ୍ତାନ୍ତର ସମ୍ପର୍କିତ ଘଟଣା ଏବେ ମାମଲାକୁ ଜଟିଳ କରୁଛି।

ଲଣ୍ଡନ କୋର୍ଟରେ ନିକଟରେ ହୋଇଥିବା ଶୁଣାଣିର ମୁଖ୍ୟ ପ୍ରସଙ୍ଗ ଥିଲା ନ୍ୟାୟ। ନିରବ ମୋଦି କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ ସେ ନିଜକୁ ରକ୍ଷା କରିବା ପାଇଁ ଆବଶ୍ୟକୀୟ ଆଇନଗତ କାଗଜପତ୍ର ସମୟ ମଧ୍ୟରେ ପାଇ ନ ଥିଲେ। ଏହା ଅକ୍ଟୋବରରେ ତାଙ୍କର ଜେଲ୍ ସ୍ଥାନାନ୍ତର ଯୋଗୁଁ ହୋଇଥିଲା। ନିରବଙ୍କୁ ଦକ୍ଷିଣ ଲଣ୍ଡନର ଥେମସାଇଡ୍ ଜେଲରୁ ଉତ୍ତର ଲଣ୍ଡନର



ୟୁକେ କୋର୍ଟରେ ଶୁଣାଣି ସ୍ଥଗିତ

ଏଚ୍‌ଏମ୍‌ପି ପେଣ୍ଟନଭିଲ୍ ଜେଲକୁ ସ୍ଥାନାନ୍ତର କରାଯାଇଥିଲା, କିନ୍ତୁ ଜେଲ୍ ଅଧିକାରୀଙ୍କ ଅବହେଳା ଯୋଗୁଁ ତାଙ୍କ ମାମଲା ସହ ଜଡିତ କାଗଜପତ୍ର ତାଙ୍କ ପାଖରେ ପହଞ୍ଚି ନ ଥିଲା। ବିଚାରପତି ସାଇମନ ଟିଙ୍କଲର ଏହି ଯୁକ୍ତିକୁ ବଶେ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଥିଲେ। ସେ କହିଥିଲେ ଯେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ପ୍ରମାଣ କରିବା କିମ୍ବା ପ୍ରତିରକ୍ଷା ପ୍ରସ୍ତୁତ କରିବା ପାଇଁ କାଗଜପତ୍ର ବିନା ମାମଲା ଚଳାଇବା ଏକ ନିରପେକ୍ଷ ବିଚାର ହେବନାହିଁ। ଫଳସ୍ୱରୂପ, ଜାନୁଆରୀରେ ଆରମ୍ଭ ହେବାକୁ ଥିବା ଶୁଣାଣିକୁ ଏବେ ମାର୍ଚ୍ଚ ୨୩ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି।

ନିରବଙ୍କ ବର୍ତ୍ତମାନର ମାମଲା ପିଏନବି ଦୁର୍ନୀତି ସହିତ ଜଡିତ ନୁହେଁ। ଏହି ମାମଲା ଟିକିଏ ଭିନ୍ନ। ବ୍ୟାଙ୍କ ଅଫ୍ ଇଣ୍ଡିଆ ନୀରବ ମୋଦିଙ୍କଠାରୁ ୮ ନିୟୁତ ଡଲାର (ପ୍ରାୟ ୬୭ କୋଟି ଟଙ୍କା) ବକେୟା ଋଣ ଆଦାୟ ପାଇଁ ଏହି ମାମଲା ଲଢୁଛି। ବ୍ୟାଙ୍କର ଚିନ୍ତା ହେଉଛି ଯେ ଯଦି ନୀରବଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯାଏ କିମ୍ବା ଅନ୍ୟ ଦେଶକୁ ପଠାଯାଏ, ତେବେ ସେମାନଙ୍କର ଟଙ୍କା ବୁଡିଇପାରେ। ଏହି ମାମଲାରେ ବ୍ୟାଙ୍କ ଏକ ଶୀଘ୍ର ନିଷ୍ପତ୍ତି ଚାହୁଁଥିଲା, କିନ୍ତୁ କୋର୍ଟର ସଦ୍ୟତମ ମତ ସେମାନଙ୍କୁ ମାର୍ଚ୍ଚ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାଧ୍ୟ କରିଛି।

ବର୍ତ୍ତମାନ, ନୀରବ ମୋଦି ଏହି ମାମଲାରେ ନିଜକୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ଓକିଲ ସ୍ପଷ୍ଟ ଭାବରେ କହିଛନ୍ତି ଯେ ନିରବ ମୋଦିଙ୍କୁ ୨୦୨୬ ଅକ୍ଟୋବର ପୂର୍ବରୁ ଭାରତ ପଠାଯିବାର ସମ୍ଭାବନା କ୍ଷୀଣ। ଅନ୍ୟ ଏକ ମାମଲାରେ ନିରବ ଭାରତରେ ନିର୍ଯାତନାର ବିପଦ ଏବଂ ତାଙ୍କର ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବା ବିଷୟ ଉଲ୍ଲେଖ କରି ପ୍ରତ୍ୟର୍ପଣ ସ୍ଥଗିତ ରଖିବା ପାଇଁ ଆବେଦନ କରିଛନ୍ତି।

**ମହଙ୍ଗା ହେବ ନୂଆବର୍ଷ ପାର୍ଟି**

# ହୋଟେଲ ଭଡ଼ାରେ ୨୦% ବୃଦ୍ଧି

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ବର୍ତ୍ତମାନ ସମସ୍ତେ ପୁରୁଣା ବର୍ଷ ୨୦୨୫କୁ ବିଦାୟ ଦେବା ଏବଂ ନୂତନ ବର୍ଷ ୨୦୨୬କୁ ସ୍ୱାଗତ କରିବା ପାଇଁ ପାର୍ଟି ଆୟୋଜନରେ ବ୍ୟସ୍ତ। ଏକ ବିଳାସପୂର୍ଣ୍ଣ ହୋଟେଲରେ ଏହି ପାର୍ଟିକୁ ପାଳନ କରିବାକୁ ଅନେକ ଯୋଜନା କରୁଛନ୍ତି। ହେଲେ ଚଳିତଥର ଏହି ନୂତନ ବର୍ଷ ପାର୍ଟି ଟିକେ ମହଙ୍ଗା ପଡିବ। ଅର୍ଥାତ୍ ଏଥିପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ। କାରଣ ଚଳିତବର୍ଷ ଭାରତୀୟ ହୋଟେଲ ଶିଳ୍ପ ବର୍ତ୍ତମାନ ଏହାର ଏହାର ପ୍ୟାକେଜଗୁଡ଼ିକୁ ଆହୁରି ବିଳାସପୂର୍ଣ୍ଣ ଏବଂ ଆକର୍ଷଣୀୟ କରିଛି, ଯାହା ଫଳରେ ରୁମ୍ ଏବଂ ପାର୍ଟି ମୂଲ୍ୟରେ ୧୦-୨୦ ପ୍ରତିଶତ ବୃଦ୍ଧି ଘଟିଛି। ଉଚ୍ଚ ମୂଲ୍ୟ ସତ୍ତ୍ୱେ, ଉଦୟପୁର ଏବଂ ଜୟପୁର ଭଳି ସହରରେ ବୁକିଂ ପୂର୍ଣ୍ଣ। କ୍ଲିୟରଟ୍ରିପ୍ ଅନୁଯାୟୀ, ଲୋକମାନେ ଏଥର ଅଧିକ ସମୟ ରହିବା ଏବଂ ନୂତନ ଅଭିଜ୍ଞତା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି।

ହୋଟେଲଗୁଡ଼ିକ ଆଉ କେବଳ ରାତିର ପାର୍ଟି ମଧ୍ୟରେ ସୀମିତ ନାହିଁ, ବରଂ ପରବର୍ତ୍ତୀ ଦିନର ଅଭିଜ୍ଞତା ମଧ୍ୟ ବିକ୍ରି କରୁଛନ୍ତି। ଚଳିତଥର ହୋଟେଲଗୁଡିକରେ




'ରିକଭରି ବ୍ରେଞ୍ଚ' ନାମରେ ଏକ ନୂତନ ଟ୍ରେଣ୍ଡ ଦେଖିବାକୁ ମିଳିଛି। ଏହାର ଅର୍ଥ ହେଉଛି ଯେ ଡିସେମ୍ବର ୩୧ ତାରିଖରେ ସାରା ରାତି ପାଳନ ଏବଂ ଖୁସି ସମୟ ପରେ, ନୂତନ ବର୍ଷର ପ୍ରଥମ ଦିନ ଏକ ଆରାମଦାୟକ ଭୋଜନ ଏବଂ ଡିଟକ୍ସ ସହିତ ଆରମ୍ଭ ହେବ। ନୋଭୋଟେଲ ହାଇଦ୍ରାବାଦ କନଭେନସନ ସେଣ୍ଟର ଭଳି ହୋଟେଲଗୁଡ଼ିକ ସେମାନଙ୍କର ଶୀତକାଳୀନ ରହଣି ପ୍ୟାକେଜରେ ମଧ୍ୟାହ୍ନ ୧୨ ଟାରୁ ରାତି ୮ ଟା ପର୍ଯ୍ୟନ୍ତ ହାପି ଆୱାର୍ସ ଅନ୍ତର୍ଭୁକ୍ତ କରିଛନ୍ତି, ଯାହା ଅତିଥିମାନଙ୍କୁ ଆରାମ କରିବା ପାଇଁ ପ୍ରଚୁର ସମୟ ଦେଇଥାଏ। ଏହି ସମୟରେ, ଲୀଲା ପ୍ୟାଲେସ ହୋଟେଲ ଏବଂ ରିସର୍ଟସ୍ କିଛି ଫେଷ୍ଟିଭ୍ ଗେଟୱେ ସେମାନଙ୍କର ପ୍ୟାକେଜରେ ପ୍ରାୟ ୨୦% ବୃଦ୍ଧି ପ୍ରଦାନ କରୁଛନ୍ତି। ଅତିଥିମାନଙ୍କ ପାଇଁ ବେକିଂ ସେସନ୍ ଏବଂ ନିର୍ଦ୍ଦେଶିତ ଯୋଗ କାର୍ଯ୍ୟକ୍ରମ ଭଳି କାର୍ଯ୍ୟକଳାପ ମଧ୍ୟ ଆୟୋଜନ କରାଯାଉଛି। ଉଦୟପୁର, ଜୟପୁର, ଯୋଧପୁର ଏବଂ କୁମ୍ଭଲଗଡ଼ ଭଳି ଐତିହ୍ୟ ଏବଂ ଅବସର ବିନୋଦନ ସ୍ଥାନଗୁଡ଼ିକରେ ମଧ୍ୟ ହୋଟେଲ ରୁମ୍ ମୂଲ୍ୟ ଚଳିତବର୍ଷ ଆକାଶଛୁଆଁ ହୋଇଛି। ରାଡିସନ ହୋଟେଲ ଗ୍ରୁପର ଆକଳନ ଅନୁଯାୟୀ, ଜାୱାଇ ଏବଂ କୁମ୍ଭଲଗଡ଼ ଭଳି ସ୍ଥାନରେ ଗତ ବର୍ଷ ତୁଳନାରେ ହୋଯେଲ ରୁମ୍ ମୂଲ୍ୟ ୧୫-୧୮% ବୃଦ୍ଧି ପାଇବାର ଆଶା କରାଯାଉଛି। ଦକ୍ଷିଣ ଭାରତର ମହାବଳୀପୁରମର ରିସର୍ଟଗୁଡ଼ିକରେ ମଧ୍ୟ ନୂତନ ବର୍ଷର ପୂର୍ବ ସନ୍ଧ୍ୟାରେ ଦର ପ୍ରାୟ ୨୦% ବୃଦ୍ଧି ପାଇଛି। କ୍ଲିଅରଟ୍ରିପ୍ ତଥ୍ୟ ଅନୁଯାୟୀ, ହୋଟେଲ ବୁକିଂ ଗତ ବର୍ଷ ତୁଳନାରେ ଅଢ଼େଇ ଗୁଣ ବୃଦ୍ଧି ପାଇଛି। ଲୋକମାନେ ଆଉ କେବଳ ରୁମ୍ ବୁକ୍ କରୁନାହାଁନ୍ତି, ବରଂ ନୂତନ ଅଭିଜ୍ଞତାରେ ଖର୍ଚ୍ଚ କରିବାକୁ ଇଚ୍ଛୁକ।

# ଏଲନ୍ ମସ୍କ ହେବେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର

## ଭାରତର ବୈଦେଶିକ ମୁଦ୍ରାଭଣ୍ଡାରଠାରୁ ଅଧିକ ସମ୍ପତ୍ତି

**ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି):** ଆମେରିକାର ପ୍ରମୁଖ ଶିଳ୍ପପତି ଏଲନ୍ ମସ୍କଙ୍କର ମୋଟ ସମ୍ପତ୍ତି ବଢି ୭୫୦ ବିଲିୟନ ଡଲାର ଅତିକ୍ରମ କରିଛି। ଏହା ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ଠାରୁ ମଧ୍ୟ ଅଧିକ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ଅନୁସାରେ ୧୨ ଡିସେମ୍ବରରେ ସମାପ୍ତ ହୋଇଥିବା ସପ୍ତାହରେ ଭାରତର ମୋଟ ବୈଦେଶିକ ମୁଦ୍ରାଭଣ୍ଡାର ୬୮୮.୯୪୯ ବିଲିୟନ ଡଲାର ରହିଛି। ଏତାଛଡା ମସ୍କଙ୍କ ସମ୍ପତ୍ତି ପାକିସ୍ତାନ, ଶ୍ରୀଲଙ୍କା ଏବଂ ନେପାଳର ଜିଡିପିଠାରୁ ଅଧିକ ହୋଇଛି। ତାଙ୍କର ନିଟ୍ ସମ୍ପତ୍ତି ମୂଳରେ ମାତ୍ର ୪ ଦିନରେ ୧୫୦ ବିଲିୟନ ଡଲାର (୧୩.୪୬ ଲକ୍ଷ କୋଟି ଟଙ୍କା) ବୃଦ୍ଧି ପାଇଛି। ସମ୍ପତି ଏହି ସ୍ତରରେ ପହଞ୍ଚିବାରେ ମସ୍କ ହେଉଛନ୍ତି ବିଶ୍ୱର ପ୍ରଥମ ବ୍ୟକ୍ତି। ପୂର୍ବରୁ, ଡିସେମ୍ବର ୧୬ରେ ତାଙ୍କର ସମ୍ପତ୍ତି ପରିମାଣ ୬୦୦ ବିଲିୟନ ଡଲାର ୫୪ ଲକ୍ଷ କୋଟି ଟଙ୍କା)ରେ ପହଞ୍ଚିଥିଲା। ତାଙ୍କ ସମ୍ପତ୍ତିରେ ଏହି ବୃଦ୍ଧି ଡେଲାୱେର ସୁପ୍ରିମକୋର୍ଟର ନିଷ୍ପତ୍ତିରୁ ଆସିଥିଲା, ଯାହା ମସ୍କଙ୍କ ୫୬ ବିଲିୟନ ଟେସଲା ପେ ପ୍ୟାକେଜକୁ ୧୩୯ ବିଲିୟନ ଡଲାରକୁ ବୃଦ୍ଧି କରିଥିଲା। ଉଲ୍ଲେଖଯୋଗ୍ୟ ଯେ ଆମେରିକାର ଡେଲାୱେର ସୁପ୍ରିମକୋର୍ଟ ଶୁକ୍ରବାର ମସ୍କଙ୍କ ୨୦୧୮ ବେତନ ପ୍ୟାକେଜ ଲାଗୁ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଡେଲାୱେର କୋର୍ଟ ଟେସ୍‌ଲା ପକ୍ଷରୁ ମସ୍କଙ୍କୁ ଦିଆଯାଉଥିବା ବେତନ ପ୍ୟାକେଜକୁ ୨୦୨୪ରେ ରଦ୍ଦ କରିଦେଇଥିଲା। ୨୦୧୮ ପ୍ୟାକେଜ୍ ଶୁକ୍ରବାର ଟେସ୍‌ଲା ଷ୍ଟକ୍



ମୂଲ୍ୟ ଆଧାରରେ ପାଖାପାଖି ୧୩୯ ବିଲିୟନ ଡଲାର ଥିଲା। ଯଦି ମସ୍କ ଏହି ବେତନ ପ୍ୟାକେଜର ସମସ୍ତ ଷ୍ଟକ୍ ବିକଳ୍ପ ଉପଯୋଗ କରନ୍ତି ତାଙ୍କ ଭାଗ ପାଖାପାଖି ୧୨.୪%ରୁ ବଢି ୧୮.୧% ହୋଇଯିବ। ସମ୍ପତ୍ତିରେ ହୋଇଥିବା ତାଜା ବୃଦ୍ଧି ମସ୍କଙ୍କୁ ବିଶ୍ୱର ପ୍ରଥମ ଟ୍ରିଲିୟନେୟର ହେବା ଲାଗି ମାର୍ଗ ସୁଗମ କରିଛି।

ଫୋର୍ବସ ଅନୁସାରେ ସୋମବାର ମସ୍କଙ୍କ ମୋଟ ସମ୍ପତ୍ତି ପାଖାପାଖି ୬୭୭ ବିଲିୟନ ଡଲାର ରହିଥିଲା। ମସ୍କଙ୍କ ସମ୍ପତ୍ତିରେ ଏପରି ବୃଦ୍ଧି ତାଙ୍କ ସ୍ପେସ୍ କମ୍ପାନୀ ସ୍ପେସ୍-ଏକ୍ସ ଯୋଗୁ ହୋଇଛି। ସ୍ପେସ୍-ଏକ୍ସ ଆଗାମୀ ବର୍ଷ ୧.୫ ଟ୍ରିଲିୟନ ଡଲାରର ଆଇପିଓ ଆଣିବାକୁ ପ୍ରସ୍ତୁତି କରୁଛି। ନିକଟରେ କମ୍ପାନୀର ମୂଲ୍ୟାୟନ ୮୦୦ ବିଲିୟନ ଡଲାରକୁ ପହଞ୍ଚିଛି। ମସ୍କଙ୍କ ନିକଟରେ ସ୍ପେସ-ଏକ୍ସର ପାଖାପାଖି ୪୨% ଅଂଶିଦାରୀ ରହିଛି। କମ୍ପାନୀର ମୂଲ୍ୟାୟନ ବୃଦ୍ଧି ଯୋଗୁ ମସ୍କଙ୍କ ସମ୍ପତ୍ତିରେ ୧୬୮ ବିଲିୟନ ଡଲାର ବୃଦ୍ଧି ହୋଇଛି।

# ଜିନ୍ଦଲ ଷ୍ଟିଲ୍‌କୁ ସିଏସ୍‌ଆର୍ ପୁରସ୍କାର



**ଭୁବନେଶ୍ୱର, ୨୧।୧୨(ସମିସ):** ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମହିଳା ବିକାଶ କ୍ଷେତ୍ରରେ ଏହାର ଉଲ୍ଲେଖନୀୟ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟିଲକୁ ବେଙ୍ଗଲ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ବିସିସି ଆଣ୍ଡ ଆଇ) ଦ୍ୱାରା ପୁରସ୍କୃତ କରାଯାଇଛି। କୋଲକାତାରେ ଏକ କାର୍ଯ୍ୟକ୍ରମରେ ପୂର୍ବତନ ସଚିବ ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ୍ ଆଫେୟାରର ପୂର୍ବତନ ନିର୍ଦ୍ଦେଶକ ଜେନେରାଲ ଏବଂ ସିଇଓ ଡକ୍ଟର ଭାସ୍କର ଚାଟାର୍ଜୀ, ଜାତୀୟ ସିଏସଆର ଏବଂ କର୍ପୋରେଟ୍ ଗଭର୍ଣ୍ଣାନ୍ସ କମିଟି, ବିସିସି ଆଣ୍ଡ ଆଇର ଅଧ୍ୟକ୍ଷ ଜିତେନ୍ଦ୍ର କୁମାର, ଆଇନ ଏବଂ କର୍ପୋରେଟ୍ ଆଫେୟାରର ସଭାପତି ଏବଂ ଇନଫିନିଟି ଗ୍ରୁପର ଅଧ୍ୟକ୍ଷ ଡକ୍ଟର ରବିନ୍ଦ୍ର ଚମାରିଆ ଏହି ପୁରସ୍କାର ପ୍ରଦାନ କରିଥିଲେ। କିଶୋରୀ ଝିଅମାନଙ୍କ ପାଇଁ ସ୍ୱାସ୍ଥ୍ୟସେବାର ସାମଗ୍ରିକ ବିକାଶରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ଜିନ୍ଦଲ ଷ୍ଟିଲର ପ୍ରମୁଖ ସିଏସଆର ପଦକ୍ଷେପ, କିଶୋରୀ ଏକ୍ସପ୍ରେସକୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ଆମର ବିଶ୍ୱାସକୁ ନିଶ୍ଚିତ କରୁଛି ଯେ ଅର୍ଥପୂର୍ଣ୍ଣ ବିକାଶ, ସାମଗ୍ରିକ ଏବଂ ଲୋକ-କୈନ୍ଦ୍ରିକ ହେବା ଆବଶ୍ୟକ। ଜିନ୍ଦଲ ଫାଉଣ୍ଡେସନରେ, ଆମେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା, ପରିବେଶ ଏବଂ ସାମାଜିକ ସମାନତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି।

# ଡବ୍ଲ୍ୟୁଡି ବ୍ଲାକ୍ ଏସ୍‌ଏନ୍୭୧୦୦ ଏନ୍‌ଭିମିଇ ଏସ୍‌ଏସ୍‌ଡି ବର୍ତ୍ତମାନ ଭାରତରେ

**ମୁମ୍ବଇ,୨୧।୧୨ :** ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍୭୧୦୦ ଏନ୍‌ଭିମିଇ ଏସ୍‌ଏସ୍‌ଡି, ସାଣ୍ଡିସ୍କର ଏକ ଉଚ୍ଚମାନର ଗେମିଂ ଡ୍ରାଇଭ୍ ଯାହାକି ବର୍ତ୍ତମାନ ଭାରତରେ ଉପଲବ୍ଧ ହୋଇଛି । ଡବ୍ଲ୍ୟୁଡି ବ୍ଲାକ ଏସ୍‌ଏନ୍୭୧୦୦ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖେଳାଳୀମାନଙ୍କୁ ଅତ୍ୟଧିକ ଭିଜୁଆଲ୍ ଏବଂ ଇମର୍ସିଭ୍ ଗେମ୍‌ର ସମ୍ପୂର୍ଣ୍ଣ ଲାଭ ଉଠାଇବାରେ ସାହାଯ୍ୟ କରିବା। ସାଣ୍ଡିସ୍କର ସର୍ବଶେଷ ଟିଏଲ୍‌ସି ୩ଡି ଏନ୍‌ଏଏନ୍‌ଡି ସହିତ ନିର୍ମିତ, ଏହି ନୂତନ ଏସ୍‌ଏସ୍‌ଡି ୭,୨୫୦ଏମ୍‌ବି/ଏସ୍ ପଠନ ଏବଂ ୬,୯୦୦ଏମ୍‌ବି/ଏସ୍ ରାଇଟ୍ ୧ (୧-୨ଟିବି ମଡେଲ୍) ପର୍ଯ୍ୟନ୍ତ ଗତି ପ୍ରଦାନ କରେ, ଯାହାର କାର୍ଯ୍ୟଦକ୍ଷତା ଆମ ପୂର୍ବ ପିଢି୪ ଏସ୍‌ଏସ୍‌ଡି ତୁଳନାରେ ୩୫% ପର୍ଯ୍ୟନ୍ତ ଅଧିକ। ଏହି ଅବସରରେ ଭାରତର ବରିଷ୍ଠ ଡାଇରେକ୍ଟର ସେଲ୍ସ ଖାଲିଦ ୱାନି କହିଛନ୍ତି ଯେ, ଯେହେତୁ ଖେଳଗୁଡିକ ଅଧିକ ଜଟିଳ ଏବଂ ଷ୍ଟୋରେଜ୍ ତୀବ୍ର ହୋଇଯାଏ, ଆଜିର ଖେଳାଳୀ ଉଚ୍ଚ କାର୍ଯ୍ୟଦକ୍ଷତା ଏସ୍‌ଏସ୍‌ଡି ଆବଶ୍ୟକ କରନ୍ତି ଯାହା ଦୀର୍ଘ ଗେମପ୍ଲେ ପାଇଁ ଶକ୍ତି ପ୍ରଦାନ କରେ ।

**ଏନ୍‌ଏସ୍‌ଇ ରିପୋର୍ଟ**

# ଇକ୍ୱିଟି ବଜାରରେ କମୁଛନ୍ତି ନୂତନ ନିବେଶକ

**ମୁମ୍ବଇ,୨୧।୧୨(ଏଜେନ୍ସି):** ଷ୍ଟକ୍ ବଜାରରେ ମୋଟ ନିବେଶକଙ୍କ ସଂଖ୍ୟା ୧୨୩ ନିୟୁତ। ନଭେମ୍ବର ପୂର୍ବରୁ, ବଜାରରେ ନିବେଶକଙ୍କ ସଂଖ୍ୟା ଲଗାତାର ଦୁଇ ମାସ ପାଇଁ ବୃଦ୍ଧି ପାଇଥିଲା। ହେଲେ ବର୍ତ୍ତମାନ ଘରୋଇ ଇକ୍ୱିଟି ବଜାରର ପ୍ରଦର୍ଶନ ଏପରି ରହିଛି, ଯାହା ଫଳରେ ଅନେକ ନୂତନ ନିବେଶକ ବଜାର କାରବାରଠାରୁ ବର୍ତ୍ତମାନ ଦୂରେଇ ଯାଉଛନ୍ତି। ଇକ୍ୱିଟି ବଜାରରେ ପ୍ରବେଶ କରୁଥିବା ନୂତନ ନିବେଶକଙ୍କ ସଂଖ୍ୟା ହ୍ରାସ ପାଇଛି। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଦ୍ୱାରା ଏକ ସାମ୍ପ୍ରତିକ ରିପୋର୍ଟରେ ଏହା ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ନୂତନ ନିବେଶକଙ୍କ ସଂଖ୍ୟା ୧୧ ପ୍ରତିଶତ ହ୍ରାସ ପାଇଛି। ନଭେମ୍ବରରେ ୧୩.୨ ଲକ୍ଷ ନୂତନ ନିବେଶକ ବଜାରରେ ପ୍ରବେଶ କରିଛନ୍ତି।

ରିପୋର୍ଟ ଅନୁଯାୟୀ, ଷ୍ଟକ୍ ବଜାରରେ ମୋଟ ନିବେଶକଙ୍କ ସଂଖ୍ୟା ୧୨.୩ କୋଟି। ନଭେମ୍ବର ପୂର୍ବରୁ, ବଜାରରେ ନିବେଶକଙ୍କ ସଂଖ୍ୟା ଲଗାତାର ଦୁଇ ମାସ ପାଇଁ ବୃଦ୍ଧି ପାଇଥିଲା। ଏନ୍‌ଏସ୍‌ଇ ରିପୋର୍ଟ ଅନୁଯାୟୀ, ୨୦୨୫ରେ ଷ୍ଟକ୍ ବଜାରରେ ପ୍ରବେଶ



କରୁଥିବା ନିବେଶକଙ୍କ ସଂଖ୍ୟାରେ ହ୍ରାସ ଘଟିଛି। ଏହା ବିଶ୍ୱ ବଜାର ଅସ୍ଥିରତା ଯୋଗୁଁ ହୋଇଥିବା ବିଶ୍ୱାସ କରାଯାଉଛି, ଯାହା ନୂତନ ନିବେଶକଙ୍କୁ ବଜାରରେ ପ୍ରବେଶ କରିବାରୁ ବାଧା ଦେଇଛି। ୨୦୨୦ ଫେବୃଆରୀରେ, ଷ୍ଟକ୍ ବଜାରରେ ୯୦ କୋଟି ନିବେଶକ ଥିଲେ। ଏହା ୨୦୨୪ ଅଗଷ୍ଟ ସୁଦ୍ଧା ୧୦ କୋଟି ଏବଂ ୨୦୨୫ ଜାନୁଆରୀ ସୁଦ୍ଧା ୧୧ କୋଟିକୁ ବୃଦ୍ଧି ପାଇଲା। ଏହି ସମୟ ମଧ୍ୟରେ, ନିବେଶକଙ୍କ ସଂଖ୍ୟାରେ ଏକ ବିରାଟ ବୃଦ୍ଧି ଘଟିଥିଲା ଏବଂ ପ୍ରତି ୫-୬ ମାସ ଅନ୍ତରରେ ୧-୧ କୋଟି ନିବେଶକ ବଜାରରେ ଯୋଗଦେଇଥିଲେ। ୨୦୨୫ରେ ଏହି ସଂଖ୍ୟା ହ୍ରାସ ପାଇଲା ଏବଂ ୧୧ କୋଟି ନିବେଶକଙ୍କଠାରୁ ୧୨ କୋଟିରେ ପହଞ୍ଚିବାକୁ ପ୍ରାୟ ୯ ମାସ ସମୟ ଲାଗିଲା।

## ସଂଖ୍ୟାରେ ୧୧ ପ୍ରତିଶତ ହ୍ରାସ

ଏନ୍‌ଏସ୍‌ଇ ରିପୋର୍ଟ ଅନୁଯାୟୀ, ୨୦୨୫ ନଭେମ୍ବର ସୁଦ୍ଧା ଉତ୍ତର ଭାରତରେ ନିବେଶକଙ୍କ ସଂଖ୍ୟା ପ୍ରାୟ ୪.୫ କୋଟି ଥିଲା। ଏହା ପରେ ପଶ୍ଚିମ ଭାରତରୁ ୩.୬ କୋଟି, ଦକ୍ଷିଣ ଭାରତରୁ ୨.୬ କୋଟିଏବଂ ପୂର୍ବ ଭାରତରୁ ୧.୫ କୋଟି ନିବେଶକ ଆସିଥିଲେ। ଏଥିରେ ଭଲ ଖବର ହେଉଛି ଯେ ପ୍ରତ୍ୟେକ କ୍ଷେତ୍ରରୁ ନିବେଶକଙ୍କ ସଂଖ୍ୟା ନିରନ୍ତର ଭାବେ ବୃଦ୍ଧି ପାଉଛି।

